# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17th May - 2025

********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂରର ସଫଳତା ବିଷୟରେ ଭାରତୀୟ ଆଭିମୁଖ୍ୟକୁ ଉପସ୍ଥାପନ କରିବାପାଇଁ ବିଦେଶ ଗସ୍ତ କରିବେ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ।

- ଧାଡ଼ିର ଶେଷରେ ଠିଆହୋଇଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ସୁବିଧା ଓ ଯୋଜନା ଉପଲବ୍ଧ କରାଇବା ନେଇ ସରକାର ପ୍ରତିଶ୍ରୁତିବଦ୍ଧ; କହିଲେ ଶ୍ରମମନ୍ତ୍ରୀ ।

- 'ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ ଓ ଏହାକୁ ନିୟନ୍ତ୍ରଣରେ ରଖି ଦୀର୍ଘଜୀବୀ ହୁଅନ୍ତୁ' ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଉଚ୍ଚ ରକ୍ତଚାପ ଦିବସ ।

ଏବଂ

- କାଳବୈଶାଖୀର ପ୍ରଭାବରେ ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର ।

***Desk***

# ଅପରେସନ୍ ସିନ୍ଦୂର ସଫଳତା

ଅପରେସନ୍ 'ସିନ୍ଦୂର'ର ସଫଳତା ଓ ପାକିସ୍ତାନର ସୀମାପାର ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଉପସ୍ଥାପନ ପାଇଁ ଦେଶର ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଚଳିତ ମାସ ଶେଷ ସୁଦ୍ଧା ବିଭିନ୍ନ ଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ବିଦେଶ ଗସ୍ତକୁ ସଂଯୋଜନ କରୁଛନ୍ତି। ସବୁ ଦଳର ସାଂସଦମାନଙ୍କୁ ଗସ୍ତରେ ସାମିଲ କରାଯାଇଛି। ଆମେରିକା, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, କତାର, ୟୁଏଇ ଭଳି ସହଯୋଗୀ ରାଷ୍ଟ୍ରକୁ ଏହି ସର୍ବଦଳୀୟ ଟିମ୍ ଗସ୍ତ କରିବ। ଆତଙ୍କବାଦକୁ ସମର୍ଥନ ନ ଦେବା ଓ ଏଥିପ୍ରତି ଦେଶର ଶୂନ୍ୟ ସହନଶୀଳତା ଅବଲମ୍ବନ ନୀତିକୁ ପ୍ରତିନିଧି ଦଳ ବିଦେଶରେ ଉପସ୍ଥାପନ କରିବେ। ବିଜେପି ଦଳ ପକ୍ଷରୁ ରବି ଶଙ୍କର ପ୍ରସାଦ, ବୈଜୟନ୍ତ ପଣ୍ଡା, କଂଗ୍ରେସର ଶଶୀ ଥରୁର, ଜେଡିୟୁର ସଞ୍ଜୟ କୁମା ଝା', ଡିଏମ୍‌କେର କାନୀମୋଝୀ କରୁଣାନିଧି, ଏନ୍‌ସିପିର ସୁପ୍ରିୟା ସୁଲେ, ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ପ୍ରମୁଖ ୭ଟି ପ୍ରତିନିଧି ଦଳର ନେତୃତ୍ୱ ନେବେ। କାର୍ଯ୍ୟକ୍ରମ ସମ୍ପର୍କରେ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା କହିଛନ୍ତି :

***Voice*** :.............

*Puri/R*

# ତ୍ରିରଙ୍ଗା ଯାତ୍ରା

ଭାରତୀୟ ସେନାର ବୀରତ୍ୱ, ଅଦମ୍ୟ ସାହସ ଓ ମନୋବଳ ବୃଦ୍ଧିପାଇଁ ଆଜି ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍‌ରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ଶୋଭାଯାତ୍ରାରେ ଯୋଗଦେଇ ନିମାପଡ଼ା ପୂର୍ଣ୍ଣେଶ୍ୱରୀ ମନ୍ଦିରଠାରୁ ଦିଘାଳ ପର୍ଯ୍ୟନ୍ତ ସାଧାରଣ ନାଗରିକ, ବୁଦ୍ଧିଜୀବୀ, ଜନ ପ୍ରତିନିଧିଙ୍କ ସହ ଯାତ୍ରା କରିଥିଲେ ।

*Nabarangpur/R*

# ତ୍ରିରଙ୍ଗା ଯାତ୍ରା

ଅପରେସନ ସିନ୍ଦୂରର ସଫଳତା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଛି । ଏହିକ୍ରମରେ ଆଜି ନବରଙ୍ଗପୁପର ଜିଲ୍ଲାର ରାଇଘର ବ୍ଲକ୍‌ଠାରେ ତ୍ରିରଙ୍ଗା ଶୋଭାଯାତ୍ରାକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭାରମ୍ଭ କରିଥିଲେ । ଭାରତୀୟ ସେନାର ଅସୀମ ବୀରତ୍ୱ ଓ ବଳିଦାନ ଚିର ନମସ୍ୟ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ । ଏହି ଶୋଭାଯାତ୍ରା ରାଇଘରର ଚବକା ବାବା ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲା ।

*IPR*

# ଶ୍ରମମନ୍ତ୍ରୀ

ସମାଜରେ ଧାଡ଼ିର ଶେଷରେ ଠିଆ ହୋଇଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ସୁବିଧା ଓ ସରକାରୀ ଯୋଜନା ସହଜରେ ଉପଲବ୍ଧ ହୋଇପାରିବ, ସେଥିପ୍ରତି ସରକାର ଧ୍ୟାନ ଦେଉଛନ୍ତି ବୋଲି ଶ୍ରମମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି । ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଶ୍ରମିକ ହାଟ ପରିଦର୍ଶନ କରି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ । ଆଗାମୀ ଦିନରେ ଶ୍ରମିକମାନଙ୍କ ପାଇଁ ସ୍ୱତନ୍ତ୍ର ହେଲ୍ପ୍ ଡେସ୍କ ଖୋଲାଯାଇ ସେମାନଙ୍କ ପଞ୍ଜୀକରଣ କରାଯିବା ସହ ଶ୍ରମକାର୍ଡ଼ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଡୁମୁଡୁମାସ୍ଥିତ ବହୁମୁଖୀ ଶ୍ରମିକ ଆଶ୍ରୟସ୍ଥଳୀ ପରିଦର୍ଶନ କରି ଶ୍ରମିକମାନଙ୍କଠାରୁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରି ସେ ସମ୍ବନ୍ଧରେ ପଦକ୍ଷେପ ନେବାପାଇଁ ଶ୍ରୀ ଖୁଣ୍ଟିଆ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

*Desk*

# ରଥଯାତ୍ରା ନୀତିକାନ୍ତି ବୈଠକ

ରଥଯାତ୍ରା ନୀତିକାନ୍ତି ନେଇ ଆଜି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବାଡ଼ଗ୍ରାହୀ, ଦଇତାପତି ଓ ପୂଜାପଣ୍ଡା ନିଯୋଗଙ୍କ ସହ ଏକ ବୈଠକ ଅନୁଷ୍ଠିତ

ହୋଇଯାଇଛି। ରଥଯାତ୍ରାକୁ ଶୃଙ୍ଖଳିତ କରିବା, ଚୂଡ଼ାନ୍ତ ନୀତିନିର୍ଘଣ୍ଟ ଓ ସେବାୟତମାନଙ୍କ ସହଯୋଗ ପାଇଁ ବୈଠକରେ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଉପସ୍ଥିତ ରହି ଆଲୋଚନା କରିଛନ୍ତି। ଆସନ୍ତା ଜୁନ୍ ମାସ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବା ବେଳେ ଏହା ପରଠାରୁ ମହାପ୍ରଭୁଙ୍କର ଅଣସର ନୀତି ଅନୁଷ୍ଠିତ ହେବ। ଚଳିତ ବର୍ଷ ଏହି ଗୁପ୍ତନୀତି ୧୬ ଦିନ ଧରି ଚାଲିବାକୁ ଥିବାବେଳେ ଶୃଙ୍ଖଳିତ ଭାବେ ନୀତି ସମ୍ପାଦନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପହଣ୍ଡି ସମୟରେ ମୋବାଇଲ ବ୍ୟବହାରକୁ ନିଷେଧ ଓ ନିର୍ଦ୍ଦିଷ୍ଟ ସଂଖ୍ୟକ ସେବକଙ୍କୁ ନେଇ ପହଣ୍ଡି କରାଯିବ ବୋଲି ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

***Voice :.........***

***Desk***

# ପ୍ରୋଜେକ୍ଟ କ୍ରୋକୋଡାଇଲ୍

କୁମ୍ଭୀର ସଂରକ୍ଷଣର ୫୦ ବର୍ଷ ପୂର୍ତ୍ତି ଅବସରରେ 'ପ୍ରୋଜେକ୍ଟ କ୍ରୋକୋଡାଇଲ୍' ସପ୍ତାହ ଆସନ୍ତାକାଲିଠାରୁ ପାଳନ କରାଯିବ । ଏହି କାର୍ଯ୍ୟକ୍ରମ ରାଜ୍ୟ ବନ୍ୟଜନ୍ତୁ ମୁଖ୍ୟାଳୟ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆୟୋଜନ କରାଯାଉଛି । ଏହି ଅବସରରେ ଅନଲାଇନ୍ କୁଇଜ୍, ଫଟୋଗ୍ରାଫି, ବକ୍ତୃତା ଏବଂ ଚିତ୍ରାଙ୍କନ ଆଦି ଉଭୟ

କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଏଥିରେ ବହୁସଂଖ୍ୟାରେ ଜନସାଧାରଣ ଯୋଗଦେଇ ସଚେତନତା, ସୃଜନଶୀଳତା ଏବଂ ସଂରକ୍ଷଣ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

***Rayagada/R***

# ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ

ରାୟଗଡ଼ାଠାରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ଆଜି ଜିଲ୍ଲାପାଳ ପାରୁଲ୍ ପଟ୍ୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଦୁର୍ବଳ ନଦୀବନ୍ଧଗୁଡ଼ିକୁ ଚିହ୍ନଟ କରି ବର୍ଷାଦିନ ପୂର୍ବରୁ ମରାମତି କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବି.ଡି.ଓ. ଏବଂ ତହସିଲ୍‌ଦାରମାନେ ବ୍ଲକ୍‌ସ୍ତରୀୟ ପ୍ରସ୍ତୁତି ବୈଠକ କରି ଆସନ୍ତା ୩ ଦିନ ମଧ୍ୟରେ ନିଜ କାର୍ଯ୍ୟାଳୟ ନିୟନ୍ତ୍ରଣ କକ୍ଷର ନୋଡାଲ୍ ଅଧିକାରୀ ଓ ଦୂରଭାଷ ନମ୍ବର ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟକୁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିପର୍ଯ୍ୟୟ ସମୟରେ ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟଗୁଡ଼ିକୁ ପ୍ରସ୍ତୁତ ରଖିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

*Desk*

# ଉଚ୍ଚ ରକ୍ତଚାପ ଦିବସ

ଉଚ୍ଚ ରକ୍ତଚାପ-ହାଇ ବ୍ଲଡ୍ ପ୍ରେସର୍‌ର ପ୍ରତିରୋଧ, ଚିହ୍ନଟ ଓ ନିୟନ୍ତ୍ରଣକୁ ନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆଜି ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ୨୦୦୬ ମସିହାରୁ ପ୍ରତିବର୍ଷ ମଇ ୧୭ ତାରିଖରେ ଏହି ଦିବସ ପାଳନ କରାଯାଉଛି। ଶରୀରର ଧମନୀ ଓ ମୁଖ୍ୟ ରକ୍ତବାହିକା ଗୁଡ଼ିକର ୱାଲ୍‌ରୁ ବିପରୀତ ସଂଚାଳିତ ରକ୍ତ ଦ୍ୱାରା ନିର୍ଗତ ବଳ ହେଉଛି ଉଚ୍ଚ ରକ୍ତଚାପ । ଚଳିତବର୍ଷର ବିଶ୍ୱ ଉଚ୍ଚ ରକ୍ତଚାପ ଦିବସର ବାର୍ତ୍ତା ହେଉଛି ନିର୍ଭୁଲ ଭାବେ ନିଜର ରକ୍ତଚାପ ମାପନ୍ତୁ, ଏହାକୁ ନିୟନ୍ତ୍ରଣରେ ରଖନ୍ତୁ ଏବଂ ଦୀର୍ଘଜୀବୀ ହୁଅନ୍ତୁ।

*Desk*

# ବିଶ୍ୱ ଦୂରସଞ୍ଚାର ଦିବସ

ସୂଚନା ଓ ପ୍ରଯୁକ୍ତି, ଇଣ୍ଟରନେଟ୍ ଭଳି ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ବର୍ତ୍ତମାନ ସମୟରେ ସମାଜ ଉପରେ ଗଭୀର ପ୍ରଭାବ ସୃଷ୍ଟି କରିଛି । ସମାଜ ଉପରେ ଏହାର ପ୍ରଭାବକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ୨୦୦୬ ମସିହାରୁ ମିଳିତ ଜାତିସଂଘ ପକ୍ଷରୁ ଆଜିର

ଦିନକୁ ବିଶ୍ୱ ଦୂରସଂଚାର ଦିବସ ରୂପେ ପାଳନ କରାଯାଉଛି। ସୂଚନାଯୋଗ୍ୟ ୧୮୬୫ ମସିହା ଆଜିର ଦିନରେ ଆନ୍ତର୍ଜାତିକ ଦୂରସଂଚାର ସଂଘ-ଇଣ୍ଟରନ୍ୟାଶନାଲ୍ ଟେଲି କମ୍ୟୁନିକେସନ୍ ୟୁନିୟନ୍ ଗଠନ କରାଯାଇଥିଲା।

***Desk, Jajpur/R***

## ପାଣିପାଗ

ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ଲାଗିରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆଜି କୋରାପୁଟ, ରାୟଗଡା, ଗଞ୍ଜାମ, ନବରଙ୍ଗପୁର, ନୂଆପଡା, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେଉଁଝର, ଝାରସୁଗୁଡା ଏବଂ ସୁନ୍ଦରଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ପ୍ରଭାବରେ ଝଡ ତୋଫାନ, ବଜ୍ରପାତ ସହିତ ପବନର ବେଗ ୫୦ରୁ ୬୦ କିଲୋମିଟର ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ, ଗତକାଲି କୋରାପୁଟ, ଗଞ୍ଜାମ, ଢେଙ୍କାନାଳ, ଗଜପତି, ମାଲକାନଗିରି, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଗତକାଲି ବଜ୍ରପାତ ଯୋଗୁଁ ୧୪ଜଣଙ୍କର ଜୀବନ ଯିବା ସହିତ ୨୦ରୁ ଅଧିକ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଗତ ୫ ବର୍ଷ ମଧ୍ୟରେ ରାଜ୍ୟରେ ୧ ହଜାର ୪୧୮ ଜଣଙ୍କର ବଜ୍ରପାତ ଯୋଗୁଁ ମୃତ୍ୟୁ ଘଟିଛି। ଗତ ବର୍ଷ ବଜ୍ରପାତ ଜନିତ ଘଟଣାରେ ୨୦୫ ଜଣଙ୍କର ପ୍ରାଣହାନୀ ଘଟିଛି। ବିଭିନ୍ନ ଜିଲ୍ଲାରୁ ପ୍ରାପ୍ତ

ଖବର ଅନୁସାରେ ଗତ ଅଢ଼େଇ ମାସ ମଧ୍ୟରେ ୪୪ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ଜଣାପଡିଛି । ଯାଜପୁର ଜିଲ୍ଲାରେ ଗତକାଲି ଏବଂ ଆଜି ୨ ଦିନ ଧରି ବଜ୍ରପାତ ଘଟଣାରେ ୨ ଜଣ ନାବାଳକଙ୍କର ମୃତ୍ୟୁ ହୋଇଛି ଏବଂ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହିଛି ।

ବଜ୍ରପାତଜନିତ ମୃତ୍ୟୁ ରୋକିବାପାଇଁ ରାଜ୍ୟରେ ଚଳିତ ଆର୍ଥିକ ବର୍ଷରେ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ତାଳଗଛ ଲଗାଇବାପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବିଗତବର୍ଷ ୨୦ ଲକ୍ଷ ତାଳଗଛ ଲଗାଯାଇଥିଲା । ଆଗାମୀ ଦିନରେ ଅଧିକ ସଂଖ୍ୟକ ତାଳଗଛ ଲଗାଇବାପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ଯୋଜନା ଯୋଜନା ପ୍ରସ୍ତୁତ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

*****